### ପୁଣି ଘନେଇଲା ୧୭ ଖଣ୍ଡ ମୌଜା ଓ ଗୁଡୁପାଙ୍ଗୀ ରାସ୍ତା ବିବାଦ

# ଜିଲ୍ଲାପାଳଙ୍କ ଚେଷ୍ଟା ସତ୍ତ୍ୱେ ସମାଧାନ ହେଲାନି

ନୟାଗଡ଼,୧୭।୩(ସମିସ): ନୟାଗଡ଼ ସଦରଥାନା ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ, ଚାହାଳୀ ପଞ୍ଚାୟତର ୧୭ ଖଣ୍ଡ ମୌଜାବାସୀ ଓ ଗୁଡୁପାଙ୍ଗୀ ମଧ୍ୟରେ ବିବାଦ ପୁଣି ଘନେଇଛି। ଆସନ୍ତା ୨୪ ତାରିଖରେ ୧୭ ଖଣ୍ଡ ମୌଜାବାସୀଙ୍କ ପକ୍ଷରୁ ଗାଈଚରା ପଡ଼ିଆଠାରେ ପୁର୍ନବାର ପ୍ରଜାମେଳି କରିବାକୁ ପ୍ରସ୍ତୁତି ହେଉଛି। ଏ ନେଇ ୧୭ ଖଣ୍ଡ ମୌଜା ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ୧୭ ଖଣ୍ଡ ମୌଜା ଓ ଗୁଡୁପାଙ୍ଗୀ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ଫଳରେ ଅନୁମୋଦିତ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ରହିଛି। ୧୭ ଖଣ୍ଡ ମୌଜାବାସୀ ବଳଭଦ୍ରପୁର ଡିପାମାଳ ରାସ୍ତାକୁ ସଦାବନ୍ଧ ଛକ ଦେଇ ନିର୍ମାଣ କରିବାକୁ ଦାବି କରୁଥିବା ବେଳେ ଗୁଡୁପାଙ୍ଗୀ ଏହାକୁ ବିରୋଧ କରୁଛି। ଗୁଡୁପାଙ୍ଗୀ ରାସ୍ତା ତାଙ୍କ ଗ୍ରାମ ଦେଇ ନିର୍ମାଣ କରିବା ଜିଦ୍‌ରେ ଅଟଳ ରହିଛନ୍ତି। ଏହି ବିବାଦକୁ ନେଇ ବିଗତ ଦିନରେ ଅନେକ ରାସ୍ତାରୋକ, ପ୍ରଜାମେଳି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନେକ ପ୍ରୟାସ ପରେ ବି ରାସ୍ତା ନିର୍ମାଣ ହୋଇପାରୁନାହିଁ। ଫଳରେ ୫ ଖଣ୍ଡ ଆଦିବାସୀ ଗାଁ ବାସିନ୍ଦା ଜଙ୍ଗଲ ପରିସରରୁ ବାହାରକୁ ବାହାରିବା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ବିଗତ ଦିନରେ ଭୋଟ ବର୍ଜନ ପରିସ୍ଥିତି ମଧ୍ୟ ଦେଖାଯାଇଛି। ବିଗତ ଦିନରେ ଜିଲ୍ଲାପାଳ ୪୦ ଲକ୍ଷ ଟଙ୍କା ମଞ୍ଜୁର କରି ପୁଲିସ ଫୋର୍ସ ଉପସ୍ଥିତିରେ ମାଟି ରାସ୍ତା ନିର୍ମାଣ କରିଥିଲେ। ତାହା ଅଧପନ୍ତରିଆ ହୋଇ ରହିଥିବା ବେଳେ ତୁରନ୍ତ ନିର୍ମାଣ କାର୍ଯ୍ୟ କରିବାକୁ ଗତ ଜାନୁୟାରୀ ୩୦ ତାରିଖରେ ୧୭

### ଗାଈଚରା ପଡ଼ିଆରେ ପ୍ରଜାମେଳି ପ୍ରସ୍ତୁତି

ଖଣ୍ଡ ମୌଜାବାସୀ ଜିଲ୍ଲାପାଳଙ୍କୁ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ଏହି ସମସ୍ୟା ସମାଧାନ କରିବାକୁ ପୁର୍ନବାର ଉଦ୍ୟମ କରିଥିଲେ। ଗତ ମାର୍ଚ୍ଚ ୬ ତାରିଖରେ ଏହାକୁ ନେଇ ସମାଧାନ ଉଦ୍ୟମ କରାଯାଇଥିଲା। ଗୁଡୁପାଙ୍ଗୀ ଗ୍ରାମବାସୀ କୌଣସି କଥାକୁ ଗ୍ରହଣ ନ କରି ସିଧାସଳଖ ମନା କରି ଦେଇଥିଲେ। ଯାହାକୁ ନେଇ ୧୭ ଖଣ୍ଡ ମୌଜାବାସୀ ଏବେ କ୍ଷୁବ୍ଧ ହୋଇଛନ୍ତି। ଆସନ୍ତା ୨୩ ତାରିଖ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ୨୪ ତାରିଖ ଜନଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ୨୪ ତାରିଖ ଗାଈଚରା ପଡ଼ିଆଠାରେ ବିଶାଳ ଜନଆନ୍ଦୋଳନ କରାଯିବା ସହ ଗୁଡୁପାଙ୍ଗୀ ଗ୍ରାମବାସୀ ବ୍ୟବହାର କରୁଥିବା ରାସ୍ତାକୁ ସବୁଦିନ ପାଇଁ ବନ୍ଦ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଦୀର୍ଘ ୧୦ ବର୍ଷ ଧରି ଏହି ରାସ୍ତା ବିବାଦ ଲାଗି ରହିଛି। ବିଗତ ଦିନରେ ଠିକାସଂସ୍ଥାର ଗାଡ଼ି ପୋଡ଼ି ଦିଆଯିବା ସହ ପୁଲିସ କର୍ମଚାରୀଙ୍କୁ ଗୁଡୁପାଙ୍ଗୀ ବାସିନ୍ଦା ଆକ୍ରମଣ କରିଥିଲେ। ଯାହାକୁ ନେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। କେବେ ଏହି ବିବାଦ ସମାଧାନ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଗତ ଦିନରେ ପ୍ରଜାମେଳି କରି ୧୭ ଖଣ୍ଡ ମୌଜା ଗୁଡୁପାଙ୍ଗୀକୁ ରାସ୍ତା ବନ୍ଦ କରିଥିଲା। ଶାନ୍ତି କମିଟି ମାଧ୍ୟମରେ ଅନେକ ଥର ଉକ୍ତ ରାସ୍ତା ବିବାଦ ସମାଧାନ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ କିଛି ସଫଳତା ମିଳି ନଥିଲା। ପୁର୍ନବାର ପରିସ୍ଥିତି ଜଟିଳ ହେବା ପୂର୍ବରୁ ପ୍ରଶାସନ ୧୭ ଖଣ୍ଡ ମୌଜାର ଦାବି ମୁତାବକ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### ୧୦ ବର୍ଷର ବିବାଦ, ନର୍କ ଯନ୍ତ୍ରଣା ଭୋଗୁଛନ୍ତି ୫ ଗ୍ରାମବାସୀ

**ପଡ଼ିଆ ପଡ଼ିଛି ଶତାଧିକ ଏକର ଜମି**

ନୟାଗଡ଼: ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ୧୭ ଖଣ୍ଡ ମୌଜା ଓ ଗୁଡୁପାଙ୍ଗୀ ମଧ୍ୟରେ ଲାଗିଥିବା ବିବାଦ ପାଇଁ ସବୁଠାରୁ ବେଶୀ ସମସ୍ୟା ଭୋଗୁଛନ୍ତି ମାଳିସାହି ପଞ୍ଚାୟତର ୫ ଟି ଆଦିବାସୀ ଗ୍ରାମବାସୀ। ଡିପାମାଳ, ରାଜନ, ଚକାପଥର, ଗୋଛାବାରୀ, ନୂଆସାହି ଗ୍ରାମବାସୀ ଗୁଡୁପାଙ୍ଗୀ ଦେଇ ଯାତାୟତ କରି ପାରୁ ନଥିବାବେଳେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ପାଇଁ ଅନ୍ୟ ରାସ୍ତା ଆପଣାଉଛନ୍ତି। ୫ଟି ଆଦିବାସୀ ଗ୍ରାମବାସୀଙ୍କ ୫୦ ଏକର ଚାଷ ଜମି ଏହି ବିବାଦ ପାଇଁ ପଡ଼ିଆ ପଡ଼ିଛି। ଗୁଡୁପାଙ୍ଗୀ ଗ୍ରାମବାସୀ ସେମାନଙ୍କୁ ଚାଷ କରିବାକୁ ମଧ୍ୟ ସୁଯୋଗ ଦେଉନାହାନ୍ତି। ସେହିଭଳି ଭାବେ ବଳଭଦ୍ରପୁର ମୌଜାର ୭୦ ଏକର ଚାଷ ଜମି ପଡ଼ିଆ ପଡ଼ିଛି। ଏହି ଜମି ଗୁଡ଼ିକରେ ପୂର୍ବରୁ ବହୁତ ପରିମାଣର ବାଦାମ ଚାଷ ହେଉଥିଲା। ରାସ୍ତାକୁ ନେଇ ଏହି ବିବାଦ ୨୦୧୬ ମସିହାରୁ ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ୧୦ ବର୍ଷ ବିତି ସାରିଥିବାବେଳେ ପ୍ରଶାସନକୁ ଗୁଡୁପାଙ୍ଗୀ ଗ୍ରାମବାସୀ କୌଣସି ପରିସ୍ଥିତିରେ ସହଯୋଗ କରୁନାହାନ୍ତି।

**● ଜାତୀୟ ମାନବାଧିକାରୀ ଆୟୋଗ ସ୍ୱତନ୍ତ୍ର ନିରୀକ୍ଷକଙ୍କ କଇଁଆଡିହ ଗସ୍ତ**

## ଜୀବନ ଜୀବିକା ଓ ସମସ୍ୟା ସମ୍ପର୍କରେ ଆଲୋଚନା



ନୟାଗଡ଼,୧୭।୩(ସମିସ): ଜାତୀୟ ମାନବାଧିକାର ଆୟୋଗ ସ୍ୱତନ୍ତ୍ର ନିରୀକ୍ଷକ(ଅନୁସୁଚିତ ଜନଜାତି) ଆର୍ ହେମନ୍ତ କୁମାରଙ୍କ ଦଶପଲ୍ଲା ବ୍ଲକର ପୋଖରୀଗୋଛା ଗ୍ରାମ ପଞ୍ଚାୟତର କିଇଁଆଡିହ ଗ୍ରାମ ପରିଦର୍ଶନ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ୍-୨୦୦୬ ମାଧ୍ୟମରେ କଇଁଆଡିହ ଗ୍ରାମକୁ ପ୍ରଦାନ କରାଯାଇଥିବା ଗୋଷ୍ଠୀ ସମ୍ବଳ ଶିରୋନାମା ଦ୍ୱାରା ଜଙ୍ଗଲ ସୁରକ୍ଷା, ସୁପରିଚାଳନା ଏବଂ ଜୀବିକା ନିର୍ବାହରେ ଏହା ଅନୁସୁଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ କିପରି ଉପକୃତ ହେଉଛନ୍ତି। ଏହି ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ଅଞ୍ଚଳର ଜୀବନ ଜୀବିକା ଶିକ୍ଷା ମୋବାଇଲ ନେଟୱର୍କ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ତାଙ୍କର ଗସ୍ତ ସମୟରେ ଦଶପଲ୍ଲା ତହସିଲଦାର, ବନବିଭାଗ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ପୁଲିସ ଅଧିକାରୀ, ନୟାଗଡ଼ ବସୁନ୍ଧରା ଏନ୍‌ଜିଓର କର୍ମକର୍ତ୍ତା, ଦଶପଲ୍ଲା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଏବଂ ପୋଖରୀଗୋଛା ସରପଞ୍ଚ ଉପସ୍ଥିତ ଥିଲେ।

## ଭାଉଜକୁ ଆକ୍ରମଣ ଘଟଣାରେ ଦିଅରକୁ ବର୍ଷେ ଜେଲ୍

ନୟାଗଡ଼,୧୭।୩(ସମିସ): ନୟାଗଡ଼ ସଦରଥାନା କଇଥଗାଡ଼ିଆ ଗ୍ରାମର ଗଦାଧର ସ୍ୱାଇଁଙ୍କ ପତ୍ନୀ ସୁନୀତା ସ୍ୱାଇଁଙ୍କୁ ୨୦୧୮ ମସିହା ନଭେମ୍ବର ମାସ ୨୭ ତାରିଖରେ ତାଙ୍କ ଦିଅର ରବୀନ୍ଦ୍ର କୁମାର ସ୍ୱାଇଁ ଏବଂ ତାଙ୍କ ଯାଆ ତଥା ରବୀନ୍ଦ୍ରଙ୍କ ପତ୍ନୀ ଅସଦାଚରଣ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାକୁ ନେଇ ସଦର ଥାନାରେ ୨୦୧୮ ମସିହା ନଭେମ୍ବର ୨୮ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଆଜି ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ରବୀନ୍ଦ୍ରଙ୍କୁ କୋର୍ଟ ସର୍ବାଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଘଟଣା ଦିନ ଅଭିଯୁକ୍ତ ରବୀନ୍ଦ୍ର ତାଙ୍କ ଭାଉଜଙ୍କୁ କୌଣସି କାରଣକୁ ନେଇ ଟଣାଓଟରା କରିଥିଲେ। ଏହା ସହିତ ତାଙ୍କ ଚୁଟି ଘୋଷାରି ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କୁ ତାଙ୍କ ପତ୍ନୀ ସହଯୋଗ କରିଥିଲେ। ଏହି ଘଟଣାରେ ସମସ୍ତ ସାକ୍ଷୀ, ଡାକ୍ତର ରିର୍ପୋଟକୁ ଆଧାର କରି ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ସର୍ବାଧିକ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧ ହଜାର ଜରିମାନା କରାଯାଇଛି। ତାଙ୍କ ପତ୍ନୀଙ୍କୁ ପ୍ରମାଣ ନଥିବାରୁ ଦୋଷମୁକ୍ତ କରାଯାଇଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ଆକାଶ ଦାସ ଏବଂ ଆଇନଜୀବୀ ପ୍ରଭାତ କୁମାର ପରିଡ଼ା ପରିଚାଳନା କରୁଥିଲେ। ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରାଚୀପ୍ରଭା ନନ୍ଦ ଏହାକୁ ତଦାରଖ କରୁଥିଲେ। ଉକ୍ତ ମାମଲାକୁ ଗୋବିନ୍ଦ ଚନ୍ଦ୍ର ସୁନ୍ଦରାୟ ତଦନ୍ତ କରି ଚର୍ଜସିଟ ଦାଖଲ କରିଥିଲେ।

## ବନ୍ଦ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖଣ୍ଡପଡ଼ା,୧୭।୩(ସମିସ): ଖଣ୍ଡପଡ଼ା ବ୍ଲକ୍ ଖଳିସାହି ପଞ୍ଚାୟତ ତୋଟା ହନୁମାନ ନିକଟରେ ଥିବା ଏକ ଭଡ଼ାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଗଣିଆ ବ୍ଲକ୍ କିଶୋର ପ୍ରସାଦ ପଞ୍ଚାୟତ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଭିକାରୀ ଚରଣ ସାମଲଙ୍କ ପୁଅ ବିଷ୍ଣୁଚରଣ ସାମଲ (୩୫) ବୋଲି ସୂଚନା ମିଳିଛି। ବିଷ୍ଣୁଚରଣ ନୟାଗଡ଼ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ ଭାବରେ କାର୍ଯ୍ୟକରୁଥିବା ବେଳେ ଖଳିସାହିରେ ଭଡ଼ାରେ ରହିଆସୁଥିଲେ। ଭଡ଼ା ଘରେ ଏକ ଖଟ ଉପରେ ମୃତଦେହ ପଡ଼ିରହିଥିବା ବେଳେ ୨ ଦିନ ତଳୁ ତାଙ୍କର ମୃତ୍ୟୁ ହୋଇଥିବା ପରିପାଶ୍ୱିକ ସ୍ଥିତିରୁ ଜଣାପଡୁଛି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇନଥିବା ବେଳେ ସ୍ଥାନୀୟ ପୁଲିସ ପକ୍ଷରୁ ଶବ ଜବତ କରି ତଦନ୍ତ କରୁଛି। ତାଙ୍କ ମୃତ୍ୟୁ ପାଇଁ ଦାୟୀ କିଏ, ତାକୁ ଖୋଜି ବାହାର କରିବା ସହ କଠୋର ଦଣ୍ଡ ଦେବାକୁ ମୃତକଙ୍କ ପତ୍ନୀ ସୁନୀତା ସାମଲ ଖଣ୍ଡପଡ଼ା ଥାନାରେ ନିବେଦନ କରିଛନ୍ତି।

# ପଦ୍ମାବତୀ ଘାଟରେ ମହାବାରୁଣୀ ସ୍ନାନ



ଭାପୁର,୧୭।୩(ସମିସ): ପବିତ୍ର ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଦୁର୍ଲ୍ଲଭ ମହାବାରୁଣୀ ସ୍ନାନ ଯୋଗ ଘଟିଛି ମହାନଦୀର ପଦ୍ମାବତୀ ଗ୍ରାମ ନିକଟ ଚିତ୍ରୋପ୍ଳା ଘାଟରେ। ଏହି ସୁଯୋଗରେ ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ବ୍ୟକ୍ତି ସ୍ନାନ କରିବାର ସୌଭାଗ୍ୟ ଲାଭ କରିଥିବା ବେଳେ ଅନେକ ସେମାନଙ୍କ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ କରିଛନ୍ତି। ଏହି ପବିତ୍ର ମାହେନ୍ଦ୍ର ମୁହୂର୍ତ୍ତରେ ଶହ ଶହ ପରିବାର ସେମାନଙ୍କ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇ ଅସ୍ଥି ବିସର୍ଜନ କରିଥିଲେ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଦ୍ୱିତୀୟ ବୃହତ୍ତମ ଗ୍ରାମ ପଦ୍ମାବତୀ ଏ ଉପଲକ୍ଷେ ଦୀର୍ଘ ୫ ଦିନ ଧରି ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଶହ ଶହ ବର୍ଷ ଧରି ଚାଲୁଥିବା ଏହି ବାରୁଣୀ ବୁଡ଼କୁ ଅଧିକ ଆକର୍ଷଣୀୟ କରିବା ପାଇଁ ପଦ୍ମାବତୀ ଗ୍ରାମ କମିଟି ଓ ଗ୍ରାମବାସୀ ଦୀର୍ଘ ୮୦ ବର୍ଷ ହେଲା ଯଜ୍ଞପଦାଠାରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଯାତ୍ରା ଆୟୋଜିତ କରି ଆସୁଛନ୍ତି। ଏ ବର୍ଷ ଗୁରୁବାରଠାରୁ ଏହି ଯଜ୍ଞ ଆରମ୍ଭ ହୋଇ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଥିଲା। ଏହି ଯଜ୍ଞରେ କର୍ତ୍ତା ଭାବେ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ତାଙ୍କ ସ୍ତ୍ରୀ ରୋଜାଲିନ ତ୍ରିପାଠୀ ଓ ବୈଦିକ ବ୍ରାହ୍ମଣ ଭାବେ ଚିନ୍ତାମଣି ଦାଶ, ରମେଶ ପ୍ରସାଦ ଦାଶ, ସନ୍ତୋଷ କୁମାର ଦାଶ ଓ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ମହାବାରୁଣୀ ସ୍ନାନ ଯୋଗରେ ବ୍ଲକର ୨୦ରୁ ଉର୍ଦ୍ଧ୍ୱ ଠାକୁର ଦୋଳ ବିମାନରେ ଆସି ସକାଳୁ ଯାତ୍ରା ପଡ଼ିଆରେ ମିଳିତ ହୋଇଥିଲେ। ଅପରାହ୍ନ ୨ ଟାରେ ସମସ୍ତ ଠାକୁର ଧାଡ଼ିବାନ୍ଧି ମହାନଦୀର ପବିତ୍ର ପାଣିରେ ବାରୁଣୀ ସ୍ନାନ କରିଥିଲେ। ଏହି ସମୟରେ ଭକ୍ତ ଓ ଭଗବାନ ଏକତ୍ର ସ୍ନାନ କରିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହାପରେ ଧାଡ଼ିବାନ୍ଧି ଶୃଙ୍ଖଳିତ ଭାବେ ହଜାର ହଜାର ଭକ୍ତଙ୍କ ଗହଣରେ ଦୋଳବିମାନ ପଦ୍ମାବତୀ ଗ୍ରାମରେ ପ୍ରବେଶ କରି ବିଭିନ୍ନ ମନ୍ଦିର ସମ୍ମୁଖରେ ଭୋଗଖାଇ ବିଦାୟ ନେଇଥିଲେ। ଏ ଉପଲକ୍ଷେ

### ମହାନଦୀରେ ଭକ୍ତ ଓ ଭଗବାନ ଏକାକାର

ଗଞ୍ଜାମ ଓ ଅନ୍ୟ ଜିଲ୍ଲାର ଶତାଧିକ ବ୍ୟକ୍ତି ବସରେ ଆସି ବାରୁଣୀ ବୁଡ଼ ପକାଇଥିଲେ। ଏହି ପବିତ୍ର ଦିବସରେ ଆଖପାଖର ଅନେକ ପରିବାର ସେମାନଙ୍କ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇ ଅସ୍ଥି ବିସର୍ଜନ କରିଥିଲେ। ଅଘଟଣକୁ ରୋକିବା ପାଇଁ ଭାପୁର ଦମକଳ ବାହିନୀ ପକ୍ଷରୁ ମୋଟର ବୋଟରେ ମହାନଦୀ ଭିତରେ ପଇଁତରା ମାରି ସତର୍କ ନଜର ରଖାଯାଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଫତେଗଡ଼ ଥାନାଧିକାରୀ ଅଜୟ ସାହୁ ଓ ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ସମସ୍ତ ଫୋର୍ସ ଓ କର୍ମଚାରୀ ଅହରହ ଉଦ୍ୟମ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

## ଖଳିସାହି ଦଶଦୋଳ ମହୋତ୍ସବ ଉଦ୍‌ଯାପିତ



ଖଣ୍ଡପଡ଼ା,୧୭।୩(ସମିସ): ଖଣ୍ଡପଡା ବ୍ଲକ୍ ଖଳିସାହି ଯାତ୍ରା ପଡ଼ିଆରେ ଆୟୋଜିତ ଦଶଦୋଳ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ଦଶଦୋଳ ମହୋତ୍ସବ କମିଟି ସଭାପତି ବାପିନା କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ଅଶୋକ ଗଣ୍ଡିଆ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ରୂପେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ଖଳିସାହି ମାଟି ହେଉଛି ଭାଇଚାରା, ସଂସ୍କୃତି ଓ ଉତ୍ସବର କ୍ଷେତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ରେଞ୍ଜର ଦିଲ୍ଲୀପ ପଟ୍ଟନାୟକ, କଟକ ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ସାଂସଦଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ସରପଞ୍ଚ ଫକୀର ମୋହନ ଦାସ, ଉପସ୍ଥିତ ଥିଲେ। ସମସ୍ତ ସାମ୍ବାଦିକ ଓ ବିଭିନ୍ନ ସାମାଜିକ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଞ୍ଚ ଉପରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ତେବେ ମଙ୍ଗଳବାର ସଂଧ୍ୟାରେ ପ୍ରାୟ କୋଡିଏ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ମହୋତ୍ସବ ଉପଭୋଗ କରିଥିଲେ। ଦୀର୍ଘ ୭୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନୁଷ୍ଠିତ ହେଉଥିବା ଏହି ଦଶଦୋଳ ଯାତ୍ରାରେ ଖଳିସାହି ସମେତ ଆଖପାଖ ଅଞ୍ଚଳର ଗ୍ରାମଗୁଡିକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମହୋତ୍ସବ ସମ୍ପାଦକ ଧୀରେନ ଗଣ୍ଡିଆ, ଉପଦେଷ୍ଟା ସୁଦର୍ଶନ ସାହୁ, ଶରତ ସାହୁ, ଉପସଭାପତି ଫକୀର ମୋହନ ସାହୁ, ସଭ୍ୟ ଦୀପକ ସାହୁ, ବିରଞ୍ଚି ନାରାୟଣ ମିଶ୍ର, ଶୁଭମ ପୃଷ୍ଟି, ରବିନାରାୟଣ ମିଶ୍ର, ପ୍ରଦୀପ୍ତ ସାହୁ, ଦୁଷ୍ମନ୍ତ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**● ରଣପୁର ଅଞ୍ଚଳରେ ବଢୁଛି ଚୋରା ମଦ କାରବାର**

## ହାତ ବାନ୍ଧି ବସିଛି ଅବକାରୀ ବିଭାଗ

ରଣପୁର,୧୭।୩(ସମିସ) : ନୟାଗଡ଼ ଜିଲ୍ଲା ରଣପୁର ଉପଖଣ୍ଡରେ ଚୋରା ଦେଶୀ ମଦ କାରବାର ବୃଦ୍ଧି ପାଇଛି। ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ଠିକ୍ ଭାବେ ଚଢ଼ଉ କରାଯାଉ ନ ଥିବା ଯୋଗୁଁ ଚୋରା ମଦ ବ୍ୟବସାୟୀ ଖୋଲାଖୋଲି ଭାବେ ଏହି କାରବାର ଚଳାଇଛନ୍ତି। ବିଶେଷକରି ସୁର୍କାବାଡ଼ି, କାସନ୍ଦା, ଦର୍ପନାରାୟଣପୁର, ମହୁଲିଆ ଅଞ୍ଚଳରେ ଏହି ଚୋରା ମଦ କାରବାର ବୃଦ୍ଧି ପାଉଛି। ସୁର୍କାବାଡ଼ି, କାସନ୍ଦା, ଦର୍ପନାରାୟଣପୁରର କେତେଜଣ ଚୋରା ମଦ ବ୍ୟବସାୟୀ ବିଭିନ୍ନ ଜଙ୍ଗଲ ଭିତରେ ଦେଶୀ ମଦ ରାନ୍ଧି ବ୍ୟବସାୟ କରୁଛନ୍ତି। ହେଲେ ଅବକାରୀ ବିଭାଗ ପକ୍ଷରୁ ଅନ୍ୟ କେଉଁଠି କାଁ ଭାଁ ଚଢ଼ଉ କରାଯାଉଛି। ଅତି ନିକଟରେ ଥାନା, ଫାଣ୍ଡି ଓ ଅବକାରୀ ବିଭାଗ ଥାଇ ମଧ୍ୟ ନ ଜାଣିଲାପରି ଚୁପ ରହୁଛନ୍ତି। ଯାହାଫଳରେ ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗକୁ ଚାଲେଞ୍ଜ କରି ଖୋର୍ଦ୍ଧା ବେଗୁନିଆ ଅବକାରୀ ବିଭାଗ ଧରପଗଡ଼ କରୁଥିବା ଜଣାପଡ଼ିଛି। ସାମାଜିକ କର୍ମୀମାନେ କହିଛନ୍ତି ଯେ ବିଭାଗ ତରଫରୁ ଠିକ୍ ଭାବେ ଚଢ଼ଉ କରାଯାଉନି ଏବଂ ବିଦ୍ୟାଳୟ ନିକଟରେ ଚୋରା ଦେଶୀ ମଦ ବିକ୍ରି ହେଉଛି। ଠିକ୍ ଭାବେ ଚଢ଼ଉ ହେଉ ନ ଥିବା ଯୋଗୁଁ ଗ୍ରାମାଞ୍ଚଳରେ ନିଶା କାରବାର ବୃଦ୍ଧିପାଉଛି। ଏଥିପ୍ରତି ପୁଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ। ବଡ଼ ବ୍ୟବସାୟୀଙ୍କୁ ଗିରଫ କରାଯାଉ ନଥିବା ବେଳେ କିଛି ପୁରୁଣା ବ୍ୟବସାୟୀଙ୍କୁ ଗିରଫ କରି କାମ ସାରିଦିଆଯାଉଛି। ବିଭାଗୀୟ ଅଧିକାରୀମାନେ ଚାହିଁଲେ ଏହି ବ୍ୟବସାୟକୁ ରୋକା ଯାଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

**● ପ୍ରକଳ୍ପ ନିର୍ମାଣକୁ ୪ ବର୍ଷ ବିତିଲା**

## ହେଲାନି ବିଦ୍ୟୁତ୍ ଯୋଗାଣ; ମିଳିଲାନି ପାଣି

ଗଣିଆ,୧୭।୩(ସମିସ): ଗାଁ ଗାଁରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ବୋରିଂ ନିର୍ମାଣ କରି ଗାଁ ଗୁଡିକରେ ବାସ କରୁଥିବା ଜନସାଧାରଣଙ୍କୁ ଜଳ ଯୋଗାଇବା ଫଳରେ ଅନେକ ସ୍ଥାନରେ ଜଳସଙ୍କଟ ଦୂର ହେଉଛି। ଏଥିପାଇଁ ଜଳଯୋଗାଣ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି।



କିନ୍ତୁ ଅନେକ ସ୍ଥାନ ଅଛି ଯେଉଁଠି ପ୍ରକଳ୍ପ ନିର୍ମାଣ କରାଯାଇଛି ସତ କିନ୍ତୁ କାର୍ଯ୍ୟକାରୀ ହୋଇପାରୁନି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ କାଳିଆପଡ଼ାଠାରେ କିଶୋର ପ୍ରସାଦ -୨ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ୨୦୨୨ରୁ ଏହି ପ୍ରକଳ୍ପ ନିର୍ମାଣ କରାଯାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ସରକାରଙ୍କର ଏହି ଜନହିତକର ଯୋଜନାର ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ। ଗାଁରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ ସରିଯାଇଛି କିନ୍ତୁ ଜଳଯୋଗାଣ ହୋଇପାରୁନାହିଁ। ଷ୍ଟାଣ୍ଡପୋଷ୍ଟକୁ ଦେଖି ଦେଖି ଜୀବନ ବିତାଉଛନ୍ତି ଗ୍ରାମବାସୀ। ଫଳରେ ନିର୍ମାଣଧୀନ ପ୍ରକଳ୍ପଟିରେ ଅନାବନା ଗଛଲତା ଉଠି ଭୂତକୋଠି ପାଲଟିଗଲାଣି। ଖନନ ହୋଇଥିବା ବୋରିଂ ନଷ୍ଟ ହେବାକୁ ବସିଲାଣି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ହେଉଛି ଉକ୍ତ ପ୍ରକଳ୍ପ ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ପାଇଁ ପାଖରେ କୌଣସି ବ୍ୟବସ୍ଥା ନଥିବାରୁ ସେଠାକୁ ସ୍ୱତନ୍ତ୍ର ଭାବେ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ପ୍ରାୟ ୧୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ସେଥିପାଇଁ ବିଭାଗ ତରଫରୁ ଏଥିପ୍ରତି ତତ୍ପରତା ପ୍ରକାଶ ପାଉନାହିଁ ବୋଲି ଅଭିଯୋଗ ହୋଇଛି। ତେବେ ଯଦି ଅଭିଯୋଗ ଯଦି ସତ ହୋଇଥାଏ ତେବେ ବିଭାଗୀୟ ଅଧିକାରୀ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଉକ୍ତ ଘଟଣାକୁ ଚିନ୍ତା କଲେ ନାହିଁ କାହିଁକି। ବିଦ୍ୟୁତ୍ ସଂଯୋଗ ଥିବା ସ୍ଥାନରେ ପ୍ରକଳ୍ପ ନିର୍ମାଣ କରାଗଲା ନାହିଁ କାହିଁକି? ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କାକୁ ଏଭଳି ଭାବେ ଭୂତକୋଠିରେ ପରିଣତ କରିବା ପାଇଁ ଦାୟୀ କିଏ ? ସମସ୍ୟାକୁ ସମାଧାନ କରି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ତେବେ ତୁରନ୍ତ ଉକ୍ତ ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରାଗଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

### ସଙ୍କଟ ବେଳେ ଗ୍ୟାସ୍ କଳାବଜାର

# ହୋଟେଲ ଓ ରେସ୍ତୁରାଁରେ ଚଢ଼ଉ, ୧୮ ସିଲିଣ୍ଡର ଜବତ

ନୟାଗଡ଼,୧୭।୩(ସମିସ)



ଗ୍ୟାସ ସଙ୍କଟ ବେଳେ କଳାବଜାରୀ ସାଂଘାତିକ ସମସ୍ୟା ସୃଷ୍ଟି କରିଛି। ହୋଟେଲ, ରେସ୍ତୁରାଁ ଓ ଘରୋଇ ଅନୁଷ୍ଠାନକୁ ବ୍ୟବସାୟିକ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି। ଏଭଳି ସ୍ଥିତିରେ କଳାବଜାରରୁ ଘରୋଇ ସିଲିଣ୍ଡର କିଛି ଏହାକୁ ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକ ବ୍ୟବହାର କରୁଛନ୍ତି। ଯାହାକୁ ନେଇ ଆଜି ଯୋଗାଣ ବିଭାଗ ପକ୍ଷରୁ ଏକ ଟିମ୍ ସହରର ପ୍ରମୁଖ ହୋଟେଲ ଓ ରେସ୍ତୁରାଁରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ ଦୁଇଟି ହୋଟେଲରୁ ୧୮ ଟି ସିଲିଣ୍ଡର ଜବତ କରାଯାଇଥିବା ବେଳେ ୨ଟି ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି। ନୟାଗଡ଼ ଅତିରିକ୍ତ ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିବା ବେଳେ ମାଜିଷ୍ଟ୍ରେଟ୍ ଭାବେ ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଉପସ୍ଥିତ ରହିଥିଲେ। ଯୋଗାଣ ବିଭାଗ ଟିମ୍ ସହିତ ଟାଉନଥାନା ପୁଲିସ ମଧ୍ୟ ଉପସ୍ଥିତ ରହିଥିଲା। ପ୍ରଥମେ ସିଗ୍ନେଚର ରେସ୍ତୁରାଁରେ ଚଢ଼ଉ କରାଯାଇଥିଲା। ସେଠାରେ ବ୍ୟବସାୟିକ ସିଲିଣ୍ଡର ରହିଥିବା ଦେଖାଯାଇଥିଲା। ଏହା ପରେ ନୟାଗଡ଼ ପିଟିଏସ୍ ଛକ ନିକଟରେ ରହିଥିବା ହୋଟେଲ ମ୍ୟାରିଗୋଲ୍ଡରେ ଚଢ଼ଉ କରାଯାଇଥିଲା। ଇଣ୍ଡେନ୍ କମ୍ପାନୀର ୧୩ଟି ଘରୋଇ ସିଲିଣ୍ଡର ସେଠାରୁ ଜବତ କରାଯାଇଥିଲା। ତାହା

**● ୨ ମାମଲା ରୁଜୁ, ଜାରି ରହିବ ଚଢ଼ଉ**
**● ବନ୍ଦ ହୋଇଗଲା ଅନେକ ହୋଟେଲ**



ମଧ୍ୟରେ କିଛି ଖାଲି ସିଲିଣ୍ଡର ରହିଥିଲା। ଏହି ସିଲିଣ୍ଡର ଗୁଡ଼ିକ ପାଇଖାନା ମଧ୍ୟରେ ଲୁଚାଇ ରଖାଯାଇଥିଲା। ଏହା ପରେ ଲେଙ୍କୁଡ଼ିପଡ଼ା ରାସ୍ତାରେ ରହିଥିବା ହୋଟେଲ କୋଏନା, ନୟାଗଡ଼ ଗୋଲେଇ ଛକରେ ରହିଥିବା ଉତ୍ସବ ସାଉଥ ଇଣ୍ଡିଆନ, ଘଡୁଆଳ ନିକଟସ୍ଥ ପୁଷ୍ପା ରେଷ୍ଟୁରାଣ୍ଟ, ହୋଟେଲ ମା', ନୟାଗଡ଼ ନୂଆ ବସଷ୍ଟାଣ୍ଡରେ ରହିଥିବା ଟେଷ୍ଟି ଟେଷ୍ଟି ହୋଟେଲରେ ଚଢ଼ଉ କରାଯାଇଥିଲା। ଟେଷ୍ଟି ଟେଷ୍ଟି ହୋଟେଲରୁ ୫ଟି ଘରୋଇ ସିଲିଣ୍ଡର ଜବତ କରାଯାଇଛି। ଏହାକୁ ନେଇ ଦୁଇଟି ମାମଲା ରୁଜୁ ହେବ ବୋଲି ମାଜିଷ୍ଟ୍ରେଟ୍ ତଥା ତହସିଲଦାରଙ୍କ ନିକଟରୁ ସୂଚନା ମିଳିଛି।

ଆଗାମୀ ଦିନରେ ମଧ୍ୟ ଚଢ଼ଉ ଜାରି ରହିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଆଜି ଚଢ଼ଉକୁ ଲକ୍ଷ୍ୟ ରଖି ଅନେକ ହୋଟେଲ ଘରୋଇ ଗ୍ୟାସ ଟାଙ୍କିକୁ ହୋଟେଲ ପରିସରରୁ ତରବରିଆ ଭାବେ ଖାଲି କରି ଦେଇଥିବା ଦେଖିବାକୁ ମିଳିଥିଲା। ତା' ସହିତ ଅନେକ ହୋଟେଲ ତରବରିଆ ଭାବେ ବନ୍ଦ କରି ଦେଇଥିଲେ। ନୟାଗଡ଼ ସହରରେ ରହିଥିବା ପ୍ରାୟ ଅଧିକାଂଶ ହୋଟେଲ ଘରୋଇ ସିଲିଣ୍ଡର ଦୀର୍ଘଦିନ ଧରି ବ୍ୟବହାର କରି ଆସୁଥିଲେ। ଦୀର୍ଘ ବର୍ଷ ପରେ ଗ୍ୟାସ ସିଲିଣ୍ଡର ପାଇଁ ଚଢ଼ଉ କରାଯିବାକୁ ନେଇ ଅନେକ ସ୍ୱାଗତ କରୁଥିବା ବେଳେ ବ୍ୟବସାୟୀମାନେ ପେଟ ପାଟଣାକୁ ଲାତ ମରାଯାଉଥିବା କହିଛନ୍ତି।

### ବାସି ଖାଦ୍ୟର ଭଣ୍ଡାର, ଦେଖି ଚୁପ୍ ରହିଲେ ଟିମ୍

ନୟାଗଡ଼,୧୭।୩(ସମିସ): ଗ୍ୟାସ୍ ପାଇଁ ଚଢ଼ଉ ସମୟରେ ଆଜି ବିଭିନ୍ନ ହୋଟେଲ ଓ ରେସ୍ତୁରାଁରେ ବାସି ଖାଦ୍ୟ ମହଜୁଦ ରହିଥିବା ଦେଖିବାକୁ ମିଳିଥିଲା। ଚଢ଼ଉ ଟିମ ସହିତ ଉପସ୍ଥିତ ରହିଥିବା ଗଣମାଧ୍ୟମ ପ୍ରତିନିଧିମାନେ ଏହାକୁ ନେଇ ପ୍ରଶ୍ନ କରିଥିଲେ ମଧ୍ୟ ତହସିଲଦାର ଓ ଚଢ଼ଉ ଟିମ୍ ଚୁପ୍ ରହିଥିଲେ। ଅନେକ ହୋଟେଲ ଫିଜର ଓ ଫ୍ରିଜରେ ୮ ରୁ ୧୦ ଦିନ ତଳୁ ପ୍ରସ୍ତୁତି ହୋଇ ରହିଥିବା ଖାଦ୍ୟ ରଖାଯାଇଥିଲା। ଏକ ହୋଟେଲରେ ବିରିୟାନୀ ଚାଉଳର ଭାତକୁ ଫ୍ରିଜ୍‌ରେ ରଖାଯାଇଥିବା ଦେଖାଯାଇଥିଲା। ଏହା ସହ କଞ୍ଚା ମଟନ, କଞ୍ଚା ଚିକେନ୍, ବିଭିନ୍ନ ପ୍ରକାର ଖାଦ୍ୟକୁ ଫିଜର୍‌ରେ ରଖାଯାଇଥିବା ଦେଖାଯାଇଥିଲା। ଯାହାକୁ ନେଇ ଉକ୍ତ ସ୍ଥାନରେ ଉପସ୍ଥିତ କିଛି ବ୍ୟକ୍ତି ନୟାଗଡ଼ ଖାଦ୍ୟ ସୁରକ୍ଷା ଅଧିକାରୀ ନିଘୋଡ଼ ନିଦ୍ରାରେ ଶୋଇ ପଡ଼ିଥିବା ମତ ଦେଇଥିଲେ। ପ୍ରାୟ ଅଧିକାଂଶ ହୋଟେଲରେ ଏହି ବାସି ଖାଦ୍ୟ ଦେଖି ସମସ୍ତ ଗଣମାଧ୍ୟମ ପ୍ରତିନିଧି ଆଚମ୍ବିତ ହୋଇଥିଲେ। ଜିଲ୍ଲା ପ୍ରଶାସନ ସହରରେ ଚାଲିଥିବା ଏଭଳି ଅବ୍ୟବସ୍ଥା ଉପରେ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଛି।

# ମୁରବି ବିହୀନ ହୋଇପଡ଼ିଛି ଉମାମହେଶ୍ୱର ଦେବ ମନ୍ଦିର



- ବାଦ ବିବାଦ ମଧ୍ୟରେ ଚାଲିଛି ଯାନିଯାତ୍ରା
- ଯଥାଶୀଘ୍ର ଟ୍ରଷ୍ଟବୋର୍ଡ ଗଠନ ଦାବି

ବାଲୁଗାଁ,୧୭।୩ (ସମିସ); ଠାକୁରଙ୍କ ସମ୍ପତ୍ତି ଆତ୍ମସାତ କରିବାକୁ ଆଜିକା ସମାଜରେ ମନୁଷ୍ୟ ପଛଘୁଞ୍ଚା ଦେଉନାହାଁନ୍ତି। ଠାକୁରଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତୋଷାରପାତ କରିବା ସହ ବିଭିନ୍ନ କ୍ଷେତ୍ରରୁ ମିଳୁଥିବା ଠାକୁରଙ୍କ ଆୟକୁ ମଧ୍ୟ ହଡ଼ପ କରିବାକୁ ପଛାଉ ନାହାନ୍ତି ନ୍ୟସ୍ତସ୍ୱାର୍ଥ ଲୋକେ। କ୍ଷମତା ଲୋଭରେ ମନ୍ଦିରରେ ରାଜନୀତି ପୂରାଇ ମନ୍ଦିର ଟ୍ରଷ୍ଟି ପଦକୁ ହାତକୁ ନେଇ କିଛି ବର୍ଷ ହେବ ଅରାଜକତା ସୃଷ୍ଟି କରି ଚାଲିଛନ୍ତି। ବାଲୁଗାଁ ଥାନା ଅଧିନ ସମଗ୍ର ବାଲୁଗାଁ ଅଞ୍ଚଳର ସୁପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବ ମନ୍ଦିର ଏବେ ମୁରବି ବିହୀନ ହୋଇପଡି ଥିବା ବେଳେ ଏବେ ପ୍ରଶାସନିକ ଅଧିକାରୀଙ୍କ ହାତରେ ମନ୍ଦିର ଦାୟିତ୍ୱ। ମନ୍ଦିରରେ ବହୁବିଧ ସମସ୍ୟା ଲାଗି ରହିଥିବା ସହ ବାଦ ବିବାଦ ମଧ୍ୟରେ ଚାଲିଛି ଠାକୁରଙ୍କ ବିଭିନ୍ନ ଯାନିଯାତ୍ରା। ବର୍ତ୍ତମାନ ମନ୍ଦିରରେ ଟ୍ରଷ୍ଟି ଦାୟିତ୍ୱରେ କେହି ନଥିବା ବେଳେ ପ୍ରାୟ ଦୁଇ ବର୍ଷ ହେବ ପ୍ରଶାସନିକ ଅଧିକାରୀଙ୍କୁ ମନ୍ଦିର ଦାୟିତ୍ୱ ଦେଇ ଦେବତ୍ତୋର ବିଭାଗ ଚୁପ ବସି ପଡିଥିବା ବେଳେ ମନ୍ଦିରରେ ଏବେ ଅରାଜକତା ଦେଖାଦେଇଛି। ବିଜେପି ସରକାର ଶାସନକୁ ଆସିବା ପରେ ମଧ୍ୟ ପ୍ରଶାସନ କିମ୍ବା ସରକାର ଏହାର ସମାଧାନ ପ୍ରତି କୌଣସି ଆନ୍ତରିକତା ଦେଖାଉ ନ ଥିବାରୁ ଏଯାବତ୍ ମନ୍ଦିରର ଟ୍ରଷ୍ଟବୋର୍ଡ ଗଠନ ହୋଇପାରିଲା ନାହିଁ। କିଛି ଦିନ ପୂର୍ବେ ମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଏହାର ପରିଚାଳନାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଥିବା ସ୍ଥଳେ ଠାକୁରଙ୍କ ଦୋଳ ଉତ୍ସବ ଜେନତେନ ପ୍ରକାରରେ ସମାପନ ହୋଇଯାଇଛି। ଆଗକୁ ଠାକୁରଙ୍କ ପଣା ଯାତ୍ରା ଓ ଅଷ୍ଟଶମ୍ଭୁ ମିଳନ ଆଦି ବିଭିନ୍ନ ଯାନିଯାତ୍ରା ଆସୁଥିବା ବେଳେ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବାଲୁଗାଁ ଶ୍ରୀ ଉମାମହେଶ୍ୱର ଦେବ ମନ୍ଦିର ଟ୍ରଷ୍ଟି କ୍ଷେତ୍ରରେ ୨୦୧୮ ମସିହାରେ ଟ୍ରଷ୍ଟି ଥିବା ଶଙ୍କର ରଣସିଂଙ୍କ ଦେହାନ୍ତ ପରେ ଯଥା ବିଗତ ବର୍ଷରେ ମନ୍ଦିରକୁ ନେଇ ରାଜନୀତି କରି ଠାକୁରଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତି ତୋଷରପାତ କରି ଚାଲିଥିଲେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଶେଷ। ରାଜନୈତିକ ଚାପରେ ଦେବୋତ୍ତର କମିଶନର ଟ୍ରଷ୍ଟି ପରେ ଟ୍ରଷ୍ଟି ପରିବର୍ତ୍ତନ କରି ଚାଲିଛନ୍ତି। ମନ୍ଦିର ପରିଚାଳନା ନିମନ୍ତେ ଜ୍ଞାନ ନ ଥିବା ବ୍ୟକ୍ତି ବିଶେଷଙ୍କୁ ମନ୍ଦିର ପରିଚାଳନା ଦାୟିତ୍ୱ ଦିଆଯାଉଥିବା ସହ ରାଜନୈତିକ ବ୍ୟକ୍ତିମାନେ ମନ ମୁତାବକ ଟ୍ରଷ୍ଟବୋର୍ଡ ଗଠନ କରାଇ ଅରାଜକତା ସୃଷ୍ଟି କରିଚାଲିଛନ୍ତି। ଦାୟିତ୍ୱରେ ଥିବା ବ୍ୟକ୍ତି କିଏ ଠାକୁରଙ୍କ ଜମିରୁ ମାଟି ବିକି ଖାଇଲାଣି ତ ଆଉ କିଏ ମନ୍ଦିର ତରଫରୁ ଭଡା ସୂତ୍ରରେ ଦିଆଯାଇଥିବା ଦୋକାନ ଘର, ଶୌଚାଳୟ, ଭୋଗ ଦୀପ ଦୋକାନ ଓ କଲ୍ୟାଣ ମଣ୍ଡପ ଆଦି ଭଡା ନେଇଥିବା ବ୍ୟକ୍ତି ଗତ ପ୍ରାୟ ୫ ବର୍ଷ ହେବ କିଏ ଟଙ୍କା ଦେଉଛି ତ କିଏ ଦେଉ ନାହାଁନ୍ତି ତା'ର କୌଣସି ସଠିକ ହିସାବ ନଥିବା ବେଳେ ଯାହ ଟଙ୍କା ଆଦାୟ ହେଉଛି ମନଇଛା ଅର୍ଥ ତୋଷାରପାତ କରୁଥିବା ଅଭିଯୋଗ ହୋଇଥିଲା। ଏଥିସହ ଶ୍ରୀ ଉମାମହେଶ୍ୱର ଦେବଙ୍କ ସ୍ଥାବର ସମ୍ପତି ଯଥା ଚାଷ ଜମି ପ୍ରାୟ ଶହେ ଏକର ଥିବା ବେଳେ ସେଥିରୁ କିଛି ଜମି ସେବା ଲାଗି ମାଳି ଓ ପୂଜକଙ୍କୁ ଦିଆଯାଇଥିବା ବେଳେ ତନ୍ମଧ୍ୟରୁ ବହୁ ଜମି ଭାଗଚାଷରେ ଦିଆଯାଇଥିବା ବେଳେ ଚାଷୀ ଉକ୍ତ ଜମିରୁ ସବୁକିଛି ପାଉଥିଲେ ମଧ୍ୟ ଠାକୁରଙ୍କ ଖଞ୍ଜା ବାବଦକୁ ମୁଠାଏ ଧାନ ଦେଉନଥିବା ଜଣାଯାଇଛି। ଅନ୍ୟପକ୍ଷେ ଠାକୁରଙ୍କ ସମସ୍ତ ଜମି ମଧ୍ୟରୁ ବହୁ ଜମି ଏବେ କିସମ ପରିବର୍ତ୍ତନ କରି ଜମି ବିକ୍ରି ହୋଇ ସାରିଥିବା ଅଭିଯୋଗ ହେଉଛି। ମନ୍ଦିରରେ ସର୍ବଦା ଅଶାନ୍ତର ବାତାବରଣ ଲାଗି ରହିଥିବାରୁ ଦେବୋତ୍ତର କମିଶନର ପକ୍ଷରୁ ପ୍ରାୟ ୩ବର୍ଷ ହେବ ଚିଲିକା ତହସିଲଦାର, ବାଲୁଗାଁ ଥାନା ଅଧିକାରୀ ଓ ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମନ୍ଦିର ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ମନ୍ଦିର ପରିଚାଳନା ଯେନତେନ ଚାଲିଥିବା ବେଳେ ପୂର୍ବର ବକେୟା ଥିବା ମନ୍ଦିରର ଦୋକାନ ଓ ଘର ଭଡା, ପୁଷ୍କରିଣୀ ଓ ଦୀପ ଦୋକାନ ଲିଜ ଅର୍ଥ, ଶୌଚାଳୟ, କଲ୍ୟାଣମଣ୍ଡପର ଆଦାୟ ଅର୍ଥ, ଚାଟେରୀ ଭୋଗ, ଦାତା ଓ ଦାନହୁଣ୍ଡି ବାକ୍ସର ଅର୍ଥର ହିସାବ କିତାବ କିଛି ନ ଥିବା ଅଭିଯୋଗ ହେଉଛି। ବିଜେପି କ୍ଷମତାକୁ ଆସିବା ପରେ ଚିଲିକାରେ ବିଜେପି ଦଳର ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ନିର୍ବାଚିତ ହୋଇ ରାଜ୍ୟର ଆଇନ ମନ୍ତ୍ରୀ ଅଛନ୍ତି। ଶାସନର ପ୍ରାୟ ଦୁଇ ବର୍ଷ ସମୟ ଅତିବାହିତ ହେବାକୁ ଆସିଯାଇଥିବା ବେଳେ ବାଲୁଗାଁ ଅଞ୍ଚଳର ଆରାଧ୍ୟ ଠାକୁରଙ୍କ ମନ୍ଦିରରେ ଟ୍ରଷ୍ଟ ବୋର୍ଡକୁ ନେଇ ଏଯାବତ୍ କୌଣସି ସମାଧାନ ହୋଇପାରିଲା ନାହିଁ। ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂପର୍କରେ ତହସିଲଦାର କାହ୍ନୁଚରଣ ଘଡ଼ାଇଙ୍କୁ ପଚାରିବାରେ କହିଥିଲେ ମନ୍ଦିର ବହୁ ସମସ୍ୟା ଭିତରେ ଥିଲା ବର୍ତ୍ତମାନ ଧିରେ ଧିରେ କିଛି ମାତ୍ରାରେ ସମାଧାନ କରାଯାଇଛି। ବାଲୁଗାଁ ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ଡ଼ାକି ଏକ ବୈଠକ କରି କମିଟି ଗଠନ କରାଯାଇ ସମସ୍ତ ସମସ୍ୟା ଦୂରୀଭୂତ କରାଯିବ।

# ଗଞ୍ଜେଇ ସହ ୨ ଲକ୍ଷ ଟଙ୍କା ଜବତ, ୩ ଗିରଫ



ଖୋର୍ଦ୍ଧା,୧୭।୩(ସମିସ): ଆଦର୍ଶ ଥାନା ପୁଲିସ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପଛପଟୁ ଟିଏଲ୍‌ସି ରୋଡ୍‌ରୁ ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଗିରଫ ୩ଜଣ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ସାନପଲ୍ଲା ଡମସାହି ର ସାଗର ଘଡେଇ (୩୧) ଓ ସୁମନ୍ତ ଭୁଜବଳ (୩୬) ଓ ଜଙ୍କିଆ ଥାନା ଅନ୍ତର୍ଗତ ଓରମି ନରଣଗଡର ପୁପୁନ ବଳିୟାରସିଂହ (୪୦)। ସେମାନଙ୍କ ଠାରୁ ପୁଲିସ ନଗଦ ଦୁଇ ଲକ୍ଷ ଟଙ୍କା ସମେତ ୫୧ କେଜି ଗଞ୍ଜେଇ, ବୋଲେରୋ ଓ କାର, ୩ଟି ମୋବାଇଲ ଫୋନ୍ କୁ ପୁଲିସ ଜବତ କରିଛି ବୋଲି ଆଜି ଏସଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ଶ୍ରୀ ପ୍ରଧାନଙ୍କ ସୂଚନା ଅନୁସାରେ, ପୁପୁନ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପଛପଟେ ଘର କରି ରହି ସେଠାରେ ବେପାର ଜମାଇଥିଲା। ସେ ବୋଲେରୋ ଗାଡି ରେ ମାଲ ଧରି ଆସୁଥିବାବେଳେ ସାଗର ଓ ସୁମନ୍ତ ତାକୁ ଏକ କାର ଯୋଗେ ଏସ୍କର୍ଟ ଦେଇ ନେଉଥିଲେ। ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବା ଲାଗି ଏସ୍‌ଡିପିଓ ଶ୍ରୀ ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ସେଠାରେ ଚଢଉ କରିଥିଲେ। ପୁଲିସ କୁ ଦେଖି ପୁପୁନ ଓ ସାଗର ଖସିବାକୁ ଉଦ୍ୟମ କରିଥିଲେ ହେଁ ସେମାନଙ୍କୁ ପୁଲିସ କାବୁ କରିଥିଲେ। ତେବେ ଏତେ ପରିମାଣର ଗଞ୍ଜେଇ ସେ କେଉଁଠୁ ଆଣୁଥିଲା, ଏଠାରୁ କେଉଁ କେଉଁ ସ୍ଥାନକୁ ଚାଲାଣ କରୁଥିଲା ପୁଲିସ ତାର ଅଧିକ ତଦନ୍ତ ଜାରୀ ରଖିଥିବା ଏସଡିପିଓ କହିଛନ୍ତି। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହିଛନ୍ତି ତାର ମଧ୍ୟ ତଦନ୍ତ ଚାଲିଛି। ଏସ୍‌ଆଇ ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ପୁଲିସ ୧୫୪/୨୬ରେ ଏକ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ ନାୟକ ଉପସ୍ଥିତ ଥିଲେ।

### ଗେଡ଼ିଆପଲ୍ଲୀରେ ଜଳ ମହୋତ୍ସବ

# ପାନୀୟ ଜଳର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ସଂକଳ୍ପ




ଖୋର୍ଦ୍ଧା,୧୭।୩(ସମିସ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡିଆପଲ୍ଲୀ ଗ୍ରାମ ପଞ୍ଚାୟତ ପରିସରରେ ଆଜି 'ଜଳ ଅର୍ପଣ ଦିବସ' ଏବଂ 'ଜଳ ମହୋତ୍ସବ' ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳ ସଂରକ୍ଷଣର ଗୁରୁତ୍ୱ ଏବଂ ଆଗାମୀ ପିଢ଼ି ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଏବଂ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାଶ, ସ୍ଥାନୀୟ ସରପଂଚ କବିତା ମଞ୍ଜରୀ ତ୍ରିପାଠୀ ଏବଂ ସମିତିସଭ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସକାଳୁ ଏକ ସଚେତନତା ଶୋଭାଯାତ୍ରା ଯୋଗେ ସାଧାରଣ ଲୋକଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ସରକାରୀ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଏହି ଅବସରରେ ପାନୀୟ ଜଳର ସୁରକ୍ଷା, ସଂରକ୍ଷଣ ଏବଂ ଏହାର ଅପବ୍ୟବହାର ରୋକିବା ପାଇଁ ଉପସ୍ଥିତ ସମସ୍ତ ଜନସାଧାରଣ ସମୂହ ଶପଥ ଗ୍ରହଣ କରିଥିଲେ।

# ନିଶାଦ୍ରବ୍ୟ ସହ ବାଇକ୍ ଓ ନଗଦ ଟଙ୍କା ଜବତ

ନିରାକାରପୁର, ୧୭।୩ (ସମିସ): ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଅଣ୍ଡରପାସ୍ ନିକଟରେ ଚଢ଼ଉ କରି ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ବ୍ରାଉନସୁଗର ଜବତ କରିଛି। ଗତକାଲି ସକାଳେ ଏସ.ଆଇ. ଦେବସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗୋଳବାଇ ଅଣ୍ଡରପାସ୍ ପାଖରେ ଗାଡ଼ି ମଟର ଯାଞ୍ଚ କରୁଥିଲେ। ଏହି ସମୟରେ ସନ୍ଦେହଜନକ ଭାବେ ଯାଉଥିବା ଜଣେ ଯୁବକକୁ ଅଟକାଇ ପଚରାଉଚରା କରିବାରୁ ନିଶା କାରବାରର ପର୍ଦ୍ଦାଫାସ ହୋଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ଅର୍ଜୁନପୁର ଗ୍ରାମର ପ୍ରତାପ ଓରଫ ମିଲୁ ମଙ୍ଗରାଜ (୩୦)। ପୁଲିସ ତାଙ୍କ ନିକଟରୁ ୧୦ ଗ୍ରାମ (ପ୍ୟାକେଟ ସହ ଓଜନ ୧୧ ଗ୍ରାମ) ବ୍ରାଉନ ସୁଗାର,୧୦,୦୦୦ ଟଙ୍କା, ଏକ ବାଇକ୍, ଏକ ସ୍ମାର୍ଟଫୋନ୍ ଜବତ କରିଛି। ଏହି ଚଢ଼ଉରେ ଏସ.ଆଇ. ଦେବସ୍ମିତା ବେହେରା, ଏଏସଆଇ ତୁଷାରକାନ୍ତ ନାୟକ ସହ ପି.ଏସ.ଆଇ ମାନସ ସାହା, ସି.ଏ.ଏସ. ଆଇ ନିହାର ରଞ୍ଜନ ନାୟକ ସାମିଲ ଥିଲେ।

# ଆସୁଛି ଅଶୋକାଷ୍ଟମୀ: ଆଗେଇ ଚାଲିଛି ରଥ କାର୍ଯ୍ୟ



ନିରାକାରପୁର,୧୭।୩ (ସମିସ): ଆଗକୁ ଆସୁଛି ଅଶୋକାଷ୍ଟମୀ ରଥ ଯାତ୍ରା। ଏବେ ଠାରୁ ରଥ କାଠଗୁଡିକ ରଥଖଳାରେ ଆସି ରଖାଯିବା ପରେ ହୋଲି ଦିନଠାରୁ କାଠ ଅନୁକୂଳ କରାଯାଇ ରଥ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୨୬ ତାରିଖରେ ଅଶୋକାଷ୍ଟମୀ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ କପିଳେଶ୍ୱର ସ୍ଥିତ କପିଳେଶ୍ୱର ଦେବଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ନିକଟସ୍ଥ ମଧୁବନ ଗ୍ରାମର ମହାରଣା ମାନେ ରଥ କାଠ ଅନୁକୂଳ କରି ରଥ କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବିଶ୍ୱର ସବୁ ଜାଗାରେ ରଥଯାତ୍ରାରେ ରଥ ପକ୍କା ରାସ୍ତା ଦିନ ବେଳା ଟଣା ଯାଉଥିବାବେଳେ ଏହି ସ୍ଥାନରେ ନିଶାର୍ଦ୍ଧ ରାତିରେ ବିଲ ଗହିର ମଧ୍ୟରେ ରଥ ଟଣା ସବୁଠୁ ନିଆରା ଓ ଅନନ୍ୟ।

# ଗାଁ ଦାଣ୍ଡରେ ଚୈତ୍ର ମଙ୍ଗଳବାର ଓଷା ପାଳିଲେ ମହିଳା



ଖୋର୍ଦ୍ଧା,୧୭।୩(ସମିସ): ଓଡ଼ିଆ ଘରେ ବାରମାସ ରେ ପାଳନ ହୁଏ ତେର ପର୍ବ। ତନ୍ମଧ୍ୟରେ ଚୈତ୍ର ମଙ୍ଗଳବାର ଓଷା ଅନ୍ୟତମ। ଗାଁ ଦାଣ୍ଡ ରେ କରାଯାଉଥିବାରୁ ଅନେକ ଅଂଚଳରେ ଏହା ବାଟ ମଙ୍ଗଳା ଓଷା ବା ପଣ୍ଡେଇ ପୂଜା ବୋଲି ମଧ୍ୟ କୁହନ୍ତି। ଚୈତ୍ର ମାସରେ ପାଳନ ହେଉଥିବାରୁ ଏହାକୁ ଅନେକ ଚଇତି ମଙ୍ଗଳବାର ଓଷା ବୋଲି କହିଥାନ୍ତି। ଫାଲଗୁନ ପୂର୍ଣ୍ଣିମାଠାରୁ ଚୈତ୍ର ପୂର୍ଣ୍ଣିମା ଯାଏ ଏହି ଓଷା ପାଳନ କରାଯାଉଥିବାବେଳେ ଏହାଦ୍ୱାରା ମା' ମଙ୍ଗଳାଙ୍କ କୃପା ଲାଭ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ସ୍ୱାମୀ ଓ ସନ୍ତାନଙ୍କ ଶୁଭମନାସୀ ସଧବା ନାରୀମାନେ ମା'ମଙ୍ଗଳାଙ୍କୁ ସୁମରଣା କରି ଚୈତ୍ର ମଙ୍ଗଳବାର ଓଷା କରିଥାନ୍ତି। ଆଜି ଚୈତ୍ର ମାସ ଦ୍ୱିତୀୟ ମଙ୍ଗଳବାର ହୋଇଥିବାରୁ ଆଜି ସହର ଓ ଉପକଣ୍ଠ ର ପ୍ରତ୍ୟେକ ଗାଁରେ ଏହି ଓଷାକୁ ସଧବା ମହିଳାମାନେ ଦାଣ୍ଡରେ କରିଥିବା ଦେଖାଯାଇଛି। ପୂଜା ଶେଷ ହେବା ପରେ ବ୍ରତଧାରୀମାନେ ପଣ୍ଡେଇ ରେ ଲାଗି ହୋଇଥିବା ପଣାକୁ ପ୍ରସାଦ ଭାବେ ପାନ କରିଥିଲେ।

# ନିରାକାରପୁରରେ 'ଓପନ୍ ଜିମ୍' ପ୍ରତିଷ୍ଠା ଦାବି

ନିରାକାରପୁର, ୧୭।୩ (ସମିସ): ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ଓ ସୁସ୍ଥ ସମାଜ ଗଠନ ପାଇଁ ଗାଁ ଗାଁରେ ଖେଳପଡ଼ିଆ ଓ ମୁକ୍ତ ବ୍ୟାୟାମଶାଳା ନିର୍ମାଣ କରୁଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅଞ୍ଚଳରେ ବ୍ୟାୟାମ ଉପକରଣର ଅଭାବ ଯୋଗୁଁ ସ୍ଥାନୀୟ ଯୁବପିଢ଼ି ଓ ସାଧାରଣ ଜନତା ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ଯୁବପିଢ଼ି ନୁହଁନ୍ତି, ବରଂ ଅଞ୍ଚଳର ବହୁ ପୁରୁଷ ଓ ମହିଳା ପ୍ରତିଦିନ ସକାଳୁ ପ୍ରାତଃ ଭ୍ରମଣ ପାଇଁ ରାସ୍ତା କଡ଼ ଓ ଖେଳପଡ଼ିଆକୁ ଆସୁଛନ୍ତି। ଯଦି ଖେଳପଡ଼ିଆ କିମ୍ବା କୌଣସି ସର୍ବସାଧାରଣ ସ୍ଥାନରେ ମାଗଣା ବ୍ୟାୟାମ ଉପକରଣ ଖଞ୍ଜା ଯାଇପାରନ୍ତା, ତେବେ ବୟସ୍କ ବ୍ୟକ୍ତି ଓ ସାଧାରଣ ଲୋକେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାରେ ସହଜ ହୁଅନ୍ତା। ସ୍ଥାନୀୟ ପଂଚାୟତ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ।

# ଚିଲିକାରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ

ବାଲୁଗାଁ,୧୭ ।୩ (ସମିସ) : ସରକାରଙ୍କ ଶିକ୍ଷା ବିଭାଗ ଆନୁକୂଲ୍ୟରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ସାରା ରାଜ୍ୟରେ ଚାଲିଛି। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସରେ ଜିଲ୍ଲାର ସମସ୍ତ ନିରକ୍ଷରଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖା ଯାଇ ଥିବା ବେଳେ ଦୁଇଟି ପର୍ଯ୍ୟାୟରେ ଚିଲିକା ବ୍ଲକର ମୋଟ ୧୧୪ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୬୨୧୯ ଜଣ ନିରକ୍ଷର ପୁରୁଷ ଓ ମହିଳା ପରୀକ୍ଷା ଦେଇ ଥିବାରୁ ଖୋର୍ଦ୍ଧା ଜିଲ୍ଲାରେ ଚିଲିକା ବ୍ଲକ ଉଲ୍ଲେଖନୀୟ ସଫଳତା ହାସଲ କରି ଆଗୁଆ ରହିଛି। ତେବେ ପ୍ରଥମ ପର୍ଯ୍ୟାୟର ପରୀକ୍ଷାର୍ଥୀ ମାନେ ସାକ୍ଷରତା ହାସଲ କରି ସରକାରଙ୍କ ପକ୍ଷରୁ ମାନପତ୍ର ପାଇ ସାରିଥିବା ସ୍ଥଳେ ବର୍ତ୍ତମାନ ଏହି ଉଲ୍ଲାସ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ନିରକ୍ଷର ପୁରୁଷ ମହିଳା ପରୀକ୍ଷା ଦେଇ ଫଳାଫଳକୁ ଅପେକ୍ଷା କରି ରହିଛନ୍ତି। ଚିଲିକା ବ୍ଲକ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରାଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ ଉଲ୍ଲାସ କାର୍ଯ୍ୟକ୍ରମରେ ପରୀକ୍ଷା ନୋଡାଲ ଅଫିସର ତଥା ଚିଲିକା ଏବିଇଓ, ବିଆରସିସି ଓ ୧୧ ଜଣ ସିଆରସିସି ଉପସ୍ଥିତ ରହି ବ୍ଲକ ଅଧିନ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡିକରେ ସୁଚାରୁରୂପେ ପରୀକ୍ଷା ପରିଚାଳନା ଲାଗି ବ୍ୟାପକ ବନ୍ଦୋବସ୍ତ କରିଥିଲେ। ଚିଲିକା ବ୍ଲକ ଅନ୍ତର୍ଗତ ସମସ୍ତ ପରୀକ୍ଷା କେନ୍ଦ୍ର ପରିଚାଳକ, ବ୍ଲକ ନୋଡାଲ ଅଫିସର, ତଥା ଏ ବି ଇ ଓ, ସମସ୍ତ ଗ୍ରାମପଞ୍ଚାୟତ ନୋଡାଲ ଅଫିସର ତଥା ଆଞ୍ଚଳିକ ସାଧନ କର୍ମୀଙ୍କ ସହଯୋଗରେ ଏହି ଉଲ୍ଲାସ କାର୍ଯ୍ୟକ୍ରମ ଚିଲିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖୋର୍ଦ୍ଧା ଜିଲ୍ଲାରେ ଉଲ୍ଲେଖନୀୟ ସଫଳତା ହାସଲ କରି ପାରି ଥିବାରୁ ଚିଲିକା ବିଇଓ ସମସ୍ତ ଅଧିକାରୀ ମାନଙ୍କ ସହଯୋଗ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଦେଉଳଟାଙ୍ଗି କ୍ରିକେଟ; ଜରିପୁଟ ଓ କାଇପଦର ବିଜୟୀ




ଖୋର୍ଦ୍ଧା,୧୭।୩(ସମିସ): ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦିବସ ର ପ୍ରଥମ ମ୍ୟାଚ୍ ଜରିପୁଟ ଓ ନୂଆଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ପ୍ରଥମେ ଜରିପୁଟ ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୬ ୱିକେଟ୍ ବିନିମୟରେ ୧୮୬ ରନ୍ କରିଥିଲା।ଜବାବରେ ନୂଆଗାଁ ଦଳ ଓଭର ଖେଳି ୯ ୱିକେଟ ହରାଇ ୧୫୧ ରନ୍ କରିଥିଲା।ଫଳରେ ଜରିପୁଟ ଦଳ ୩୫ ରନରେ ବିଜୟୀ ହୋଇଥିଲା। ଦଳ ତରଫରୁ ପ୍ରକାଶ ସାମନ୍ତରାୟ ୩୨ ବଲରୁ ୨୮ ରନ ଓ ୩ ଓଭର ବୋଲିଂ କରି ୨୪ ରନ ଦେଇ ୨ ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚଟି ଅଠାରଙ୍ଗ ଓ କାଇପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅଠାରଙ୍ଗଳ ଦଳ ୧୫ଓଭର ଖେଳି ୯ୱିକେଟ ବିନିମୟରେ ୧୪୦ରନ୍ କରିଥିଲା। ଜବାବରେ କାଇପଦର ଦଳ ୧୩.୪ଓଭର ଖେଳି ୪ୱିକେଟ ବିନିମୟରେ ୧୪୨ରନ୍ କରିଥିଲା। ଫଳରେ ୬ ୱିକେଟରେ କାଇପଦର ଦଳ ବିଜୟୀ ହୋଇଛି। କାଇପଦର ଦଳ ତରଫରୁ ସୁରେନ୍ଦ୍ର ଚମ୍ପତିରାୟ ୧୭ ବଲ୍ ରେ ୫୫ ରନ ଓ ୩ ଓଭର ବୋଲିଂ କରି ୨୯ ରନ ଦେଇ ୨ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ କୁ ଗୋପିନାଥ ମାଝି ଓ ଝଜ ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ବିଭୁଷ କୁମାର ପ୍ରଧାନ ଓ ଭାଷ୍ୟକାର ଆଶୁତୋଷ ମହାପାତ୍ର ରହିଥିଲେ।

# ପୁରୁଷୋତ୍ତମ ଧାମ ଯାତ୍ରା କଲେ ଜିଲ୍ଲାର ୨୨୨ ତୀର୍ଥଯାତ୍ରୀ




**ଖୋର୍ଦ୍ଧା,୧୭।୩(ସମିସ):** ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଆଜି ଖୋର୍ଦ୍ଧା ଜିଲ୍ଲାର ୨୨୨ଜଣ ତୀର୍ଥଯାତ୍ରୀ ଶ୍ରୀ ପୁରୁଷୋତ୍ତମ ଧାମ ଯାତ୍ରା କରିଛନ୍ତି। ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ୬ଟି ବସ୍ ଆୟୋଜନ କରାଯାଇଥିଲା। ଜିଲ୍ଲାରୁ ଭୁବନେଶ୍ୱର ବଡଗଡ କଲ୍ୟାଣ ମଣ୍ଡପ ଏବଂ ଖୋର୍ଦ୍ଧା ର ଓରମାସ କାର୍ଯ୍ୟାଳୟ ପରିସରରୁ ତୀର୍ଥଯାତ୍ରୀ ମାନଙ୍କୁ ଧରି ପୁରୀ ଅଭିମୁଖେ ବାହାରିଥିଲା। ଖୋର୍ଦ୍ଧା ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଠାରେ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ନିଜାରତ ଅଧିକାରୀ ରିଶଭ ତ୍ରିପାଠୀ, ଓଏସଆରଟିସି ଜିଲ୍ଲା ପରିଚାଳିକା ଲିଜାଲିନ ସାହୁ, ଅତିରିକ୍ତ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଯୋଗଦେଇଥିବା ବେଳେ ପର୍ଯ୍ୟଟନ ବିକାଶ ଅଧିକାରୀ ସୁସ୍ମିତା ପ୍ରଧାନ ପରିଚାଳନା କରିଥିଲେ। ଖୋର୍ଦ୍ଧାରୁ ୪ଟି ବସରେ ତୀର୍ଥ ଯାତ୍ରୀ ପୁରୀ ଗସ୍ତ କରିଥିବା ବେଳେ ଭୁବନେଶ୍ୱର ବଡଗଡ କଲ୍ୟାଣ ମଣ୍ଡପରୁ ୨ଟି ବସରେ ତୀର୍ଥ ଯାତ୍ରୀ ପୁରୀ ଶ୍ରୀକ୍ଷେତ୍ର ଧାମ ଯାତ୍ରା କରିଛନ୍ତି। ଭୁବନେଶ୍ୱର ଠାରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ ଯୋଗଦେଇଥିବାବେଳେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ସମୁଦାୟ ୨୨୨ ତୀର୍ଥଯାତ୍ରୀ ୬ଟି ବସ୍‌ରେ ଖୋର୍ଦ୍ଧା ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ସାମିଲ ହୋଇଛନ୍ତି। ପୁରୀରେ ବୃନ୍ଦାବତୀ ନିବାସରେ ସମସ୍ତ ରହଣି ଓ ଖାଦ୍ୟ ପେୟର ବ୍ୟବସ୍ଥା ହୋଇଛି।

